# ବିଜ୍ଞାପନ

## ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ, ନବରଙ୍ଗପୁର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ, ତରଫରୁ ଖାଲିଥିବା ପରିଚାରକ (Attendant) (ଗ୍ରୁପ୍-D) ପଦବୀ ପ୍ରାଥମିକତା ଭିତ୍ତିରେ ଗୋମିତ୍ର ମାନଙ୍କ ମଧ୍ୟରୁ ପୂରଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ତଦନୁଯାୟୀ, ଖାଲିଥିବା ଜିଲ୍ଲା ପରୀୟ ଜାତିଗତ ସଂରକ୍ଷଣ ଭିତ୍ତିକ ପଦବୀ ପୂରଣ ପାଇଁ ତାଲିକା ନିମ୍ନରେ ପ୍ରଦାନ କରାଗଲା ।

| କ୍ର. ସଂ | ବର୍ଗ | ସିଧାସଳଖ ନିଯୁକ୍ତି | | |
|---|---|---|---|---|
| | | ପୁରୁଷ | ମହିଳା | ମୋଟ ପଦବୀ |
| ୧) | SC (ଅନୁସୂଚୀତ ଜାତି) | ୧ | ୧ | ୨ |
| ୨) | ST (ଅନୁସୂଚୀତ ଜନଜାତି) | ୧ | ୧ | ୨ |
| ୩) | Unreserve (ଅଣସଂରକ୍ଷିତ) | ୨ | ୩ | ୫ |
| | ମୋଟ | ୪ | ୫ | ୯ |

ଉକ୍ତ ବର୍ଗ ମଧ୍ୟରୁ ଶାରୀରିକ ଅକ୍ଷମ ପାଇଁ ୧ ଗୋଟି ପଦବୀ ପୂରଣ କରାଯିବ । ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀ/ ପ୍ରାର୍ଥୀନି ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କୁ (Chief District Veterinary Officer) ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ଓ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆବେଦନ କରିବା ଆବଶ୍ୟକ । ନିଯୁକ୍ତି ସମ୍ବନ୍ଧୀୟ ଆବଶ୍ୟକୀୟ ସର୍ତ୍ତାବଳୀ ନିମ୍ନରେ ପ୍ରଦାନ କରାଗଲା ।

**(୧) ଯୋଗ୍ୟତା:**

(କ) (i) ପ୍ରାର୍ଥୀ/ ପ୍ରାର୍ଥୀନି ଓଡିଶା ସରକାରଙ୍କ ସ୍ୱୀକୃତି ପ୍ରାପ୍ତ ଶିକ୍ଷା ଅନୁଷ୍ଠାନ ବିଦ୍ୟାଳୟରୁ ମଧ୍ୟ ଇଂରାଜୀ ପରୀକ୍ଷା କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଉତ୍ତିର୍ଣ୍ଣ ହୋଇଥିବା ଆବଶ୍ୟକ ।

(ii) ପ୍ରାର୍ଥୀ/ ପ୍ରାର୍ଥୀନିଙ୍କର କ୍ରମାଗତ ଭାବେ ୩ (ତିନି) ବର୍ଷର କୃତ୍ରିମ ପ୍ରଜନନ (ଜାତୀୟ ଗୋ-ମହିଷାଦି ପ୍ରଜନନ କାର୍ଯ୍ୟକ୍ରମ) (NPCBB) କ୍ଷେତ୍ରରେ କାର୍ଯ୍ୟ କରିବାର ଅନୁଭୂତି ଥିବା ଆବଶ୍ୟକ ।

(ଖ) ପ୍ରାର୍ଥୀ/ ପ୍ରାର୍ଥୀନି ଭାରତର ନାଗରିକ ଓ ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବେ ।

(ଗ) ପ୍ରାର୍ଥୀ/ ପ୍ରାର୍ଥୀନି ଓଡିଆ କହିପାରୁଥିବେ, ପଢି ପାରୁଥିବେ ଓ ଲେଖିପାରୁଥିବେ ।

(ଘ) ପ୍ରାର୍ଥୀ/ ପ୍ରାର୍ଥୀନିଙ୍କର ନୈତିକ ଉତ୍ତମ ଚରିତ୍ରଥିବା ଆବଶ୍ୟକ ।

(ଙ) ପ୍ରାର୍ଥୀ/ ପ୍ରାର୍ଥୀନିଙ୍କର ଏକାଧିକ ଜୀବିତ ସ୍ତ୍ରୀ/ ସ୍ୱାମୀ ନ ଥିବେ ।

(ଚ) ପ୍ରାର୍ଥୀ/ ପ୍ରାର୍ଥୀନିଙ୍କ ବୟସ ୧୮ ବର୍ଷରୁ କମ୍ ଏବଂ ୫୫ ବର୍ଷରୁ ଉର୍ଦ୍ଧ୍ୱ (୦୧/୦୧/୨୦୨୪ ସୁଦ୍ଧା) ହୋଇନଥିବା ଆବଶ୍ୟକ ।

(ଛ) ଜଣେ ଯୋଗ୍ୟ ଗୋମିତ୍ର ଅନ୍ୟ ଜିଲ୍ଲାରେ ମଧ୍ୟ ନିୟୋଜିତ ହେବା ପାଇଁ ନିଜର ସହମତି ସ୍ୱୀକୃତି ଦେଇପାରିବେ ।

# ଦରଖାସ୍ତ ଫର୍ମ

ଫଟୋ
ସଂଲଗ୍ନ କରାଯିବ

ପ୍ରାପ୍ତେଷୁ,

ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ, ନବରଙ୍ଗପୁର

୧) ପ୍ରାର୍ଥୀ/ ପ୍ରାର୍ଥୀନିଙ୍କ ନାମ :

୨) ପିତା/ ସ୍ୱାମୀଙ୍କ ନାମ :

୩) ସ୍ଥାୟୀ ଠିକଣା : ଗ୍ରାମ ............................................ ପୋଷ୍ଟ ................................
ଭାୟା ........................................... ଜିଲ୍ଲା ......................................

୪) ଯୋଗାଯୋଗ ଠିକଣା ଗ୍ରାମ ............................................ ପୋଷ୍ଟ ................................
ଭାୟା ........................................... ଜିଲ୍ଲା ......................................
ମୋବାଇଲ ନମ୍ବର ............................................

୫) ଜାତୀୟତା :

୬) ଜନ୍ମ ତାରିଖ :

୭) ୦୧-୦୧-୨୦୨୪ ସୁଦ୍ଧା ପ୍ରାର୍ଥୀ/ ପ୍ରାର୍ଥୀନିଙ୍କ ବୟସ :

୮) ଶିକ୍ଷାଗତ ଯୋଗ୍ୟତା:

୯) ଉଚ୍ଚତା : ଛାତି ଅଣସଂପ୍ରସାରିତ :

୧୦) ଜାତି (SC/ ST/ GEN) :

୧୧) ବିବାହିତ/ ଅବିବାହିତ

୧୨) ପୁରୁଷ/ ସ୍ତ୍ରୀ

ମୁଁ ଏତଦ୍ ଦ୍ୱାରା ଘୋଷଣା କରୁଅଛି ଯେ, ମୋ ଦ୍ୱାରା ଦିଆଯାଇଥିବା ଉପର ଲିଖିତ ସମସ୍ତ ତଥ୍ୟ ସତ୍ୟ ଓ ନିର୍ଭୁଲ ଅଟେ ।

ସ୍ଥାନ:-

ତାରିଖ: ଆବେଦନକାରୀଙ୍କ ସ୍ୱାକ୍ଷର

**ଆବେଦନ ପତ୍ର ସହ ଦାଖଲ କରିବାକୁ ଥିବା ପ୍ରମାଣ ପତ୍ର:-**

୧) ଗେଜେଟେଡ୍ ଅଫିସରଙ୍କ ଦ୍ବାରା ଆଗପଟେ ଆଟେଷ୍ଟେଡ୍ ହୋଇଥିବା ଦୁଇ ଗୋଟି ବର୍ତ୍ତମାନର ପାସପୋର୍ଟ ସାଇଜ ଫଟୋଗ୍ରାଫ ହୋଇଥିବ । ତନ୍ମଧ୍ୟରୁ ଏକ ଗୋଟି ଫଟୋଗ୍ରାଫ୍ ଦରଖାସ୍ତ ଫର୍ମ ଉପରେ ଦିଆଯାଇଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଅଠା ଦେଇ ସଂଲଗ୍ନ କରାଯିବା ଆବଶ୍ୟକ । ଅନ୍ୟଟି ଦରଖାସ୍ତ ସହିତ ସଂଯୋଗ କରିବାକୁ ହେବ ।

୨) ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ରର ଅବିକଳ ନକଲ ।

୩) ବୟସ ପ୍ରମାଣ ପତ୍ରର ଆଟେଷ୍ଟେଡ୍ କପି ।

୪) ସ୍ଥାନୀୟ ତହସିଲ୍‌ଦାରଙ୍କ ଠାରୁ ସ୍ଥାୟୀ ବାସିନ୍ଦାର ପ୍ରମାଣ ପତ୍ରର ଆଟେଷ୍ଟେଡ୍ କପି ।

୫) ବୈଧ ପରିଚୟ ପତ୍ରର ଆଟେଡ୍ କପି ।

୬) ଜାତିଗତ ପ୍ରମାଣ ପତ୍ର (SC/ ST) ।

୭) ଦୁଇଗୋଟି ଚରିତ୍ର ପ୍ରମାଣ ପତ୍ର ଭିନ୍ନ ଭିନ୍ନ ଗେଜେଟେଡ୍ ଅଫିସରଙ୍କ ଠାରୁ ଯେକି ପ୍ରାର୍ଥୀ/ ପ୍ରାର୍ଥୀନିଙ୍କ ସମ୍ପର୍କୀୟ ହୋଇନଥିବେ ।

୮) ଗୋମିତ୍ର ପ୍ରାର୍ଥୀ/ ପ୍ରାର୍ଥୀନି ସମ୍ପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ ଠାରୁ ହାସଲ କରିଥିବା କୃତ୍ରିମ ପ୍ରଜନନ ପ୍ରୟୋଗ କାର୍ଯ୍ୟ କ୍ଷେତ୍ରରେ ତିନି ବର୍ଷ ଓ ତତୋଧିକ ସନ୍ତୋଷଜନକ କାର୍ଯ୍ୟ କୁଶଳତାର ଅନୁଭୂତି ପ୍ରମାଣ ପତ୍ରର ଆଟେଷ୍ଟେଡ୍ କପି । ସବୁ ଆଟେଷ୍ଟେଡ୍ କପିରେ ପ୍ରାର୍ଥୀ ବା ପ୍ରାର୍ଥୀନି ନିଜେ ସ୍ୱାକ୍ଷର କରିବେ ।

୯) ଅନ୍ୟ ଜିଲ୍ଲାରେ ନିୟୋଜିତ ହେବାପାଇଁ ନିଜର ସହମତି ପତ୍ର; (ଆବଶ୍ୟକ ସ୍ଥଳେ)

ସ୍ଥାନ :-

ତାରିଖ: ଆବେଦନକାରୀଙ୍କ ସ୍ୱାକ୍ଷର

**୨. ଶାରୀରିକ ଦକ୍ଷତା:**

(କ) ପ୍ରାର୍ଥୀ/ ପ୍ରାର୍ଥୀନିଙ୍କର ଉତ୍ତମ ମାନସିକ ଅବସ୍ଥା, ଉତ୍ତମ ଶାରୀରିକ ସ୍ୱାସ୍ଥ୍ୟ ଥିବା ଆବଶ୍ୟକ ଏବଂ ସୁଚାରୁ ରୂପେ କାର୍ଯ୍ୟ ନିର୍ବାହରେ ବ୍ୟାଘାତ ସୃଷ୍ଟି କରୁଥିବା କୌଣସି ଶାରୀରିକ ଅକ୍ଷମତା ନ ଥିବା ଆବଶ୍ୟକ । ସ୍ୱାସ୍ଥ୍ୟଗତ ଡାକ୍ତରୀ ପରୀକ୍ଷାପରେ କୌଣସି ପ୍ରାର୍ଥୀ/ ପ୍ରାର୍ଥୀନି ଉପରୋକ୍ତ ସର୍ତାବଳୀକୁ ସନ୍ତୋଷ ଜନକ ଭାବେ ପୂରଣ କରୁନଥିଲେ, ନିଯୁକ୍ତି ପ୍ରକ୍ରିୟାରୁ ବାଦ୍ ପଡିବେ ।

(ଖ) ପ୍ରାର୍ଥୀ/ ପ୍ରାର୍ଥୀନିଙ୍କର ଉତ୍ତମ ସ୍ୱାସ୍ଥ୍ୟ ସହିତ ଉଚ୍ଚତା ୫' (ପାଞ୍ଚ ଫୁଟ) ରୁ କମ୍ ହୋଇନଥିବ । କେବଳ ପୁରୁଷ ପ୍ରାର୍ଥୀଙ୍କ ଯେତ୍ରରେ ଅଣସଂପ୍ରସାରିତ ଛାତି ମାପ ୩୦'' (ତିରିଶ ଇଞ୍ଚ) ହୋଇଥିବା ଆବଶ୍ୟକ ।

(ଗ) ପ୍ରାର୍ଥୀ / ପ୍ରାର୍ଥୀନି ଉତ୍ତମ ରୂପେ ସାଇକେଲ ଚଳାଇ ପାରୁଥିବେ ।

**୩. ଚୟନ ପ୍ରକ୍ରିୟା :**

(କ) ଜିଲ୍ଲା ଚୟନ କମିଟି ଦ୍ୱାରା ନିର୍ଦ୍ଧାରିତ ନିୟମ ଅନୁଯାୟୀ ଗୋମିତ୍ର ପଦରେ କାର୍ଯ୍ୟ କରିଥିବା ଅନୁଭୂତି ତଥା ଶାରିରୀକ ଦକ୍ଷତା ପରୀକ୍ଷା ଦ୍ୱାରା ପରିଚାରକ (Attendant) ପଦ ପାଇଁ ଚୟନ କରାଯିବ ।

(ଖ) ଯଦି ଉପରୋକ୍ତ ପଦବୀ ନିମନ୍ତେ କୌଣସି ଗୋଟିଏ ବର୍ଗର ଉପଯୁକ୍ତ ପ୍ରାର୍ଥୀନି ନ ମିଳନ୍ତି, ତାହେଲେ ସେହି ପଦବୀ ଉକ୍ତ ବର୍ଗର ଉପଯୁକ୍ତ ପ୍ରାର୍ଥୀ ମାନଙ୍କ ଦ୍ୱାରା ପୂରଣ କରାଯିବ ।

(ଗ) ଓଡିଶା ସରକାରଙ୍କ ସ୍ଥାନ ସଂରକ୍ଷଣ ନୀତିକୁ ଅନୁସରଣ କରାଯିବ ।

ନିର୍ଦ୍ଧାରିତ ଫର୍ମ ଅନୁଯାୟୀ ଆବେଦନ ପତ୍ର ଏବଂ ଆବଶ୍ୟକୀୟ ପ୍ରମାଣ ପତ୍ରର ଅବିକଳ ନକଲ (Attested True Copy) ସବୁ ମୁଦା ଲଫାପା ଭିତରେ ରଖି ସମ୍ପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ (Chief District Veterinary Officer) କାର୍ଯ୍ୟାଳୟରେ ଡ଼ାକ ମାଧମରେ (Speed Post ବା courier) କିମ୍ବା ବ୍ୟକ୍ତିଗତ ଭାବେ ଦାଖଲ କରିପାରିବେ । ଦରଖାସ୍ତ ପଠାଇବା ଲଫାପା ଉପରେ "ଯୋଗ୍ୟ ଗୋମିତ୍ରଙ୍କ ଦ୍ୱାରା ପରିଚାରକ (attendant) ପଦ ପାଇଁ ଦରଖାସ୍ତ" ଉଲ୍ଲେଖ କରିବା ଆବଶ୍ୟକ । ଉକ୍ତ ପଦବୀ ପାଇଁ ଆବେଦନ କରିବାର ଶେଷ ତାରିଖ ତା. ୨୮. ୦୨. ୨୦୨୪ ଅପରାହ୍ନ ୫ ଘଟିକା। ଦରଖାସ୍ତ ଜିଲ୍ଲା ମୁଖ୍ୟ ପ୍ରାଣିଚିକିତ୍ସା ଅଧିକାରୀ, ନବରଙ୍ଗପୁରଙ୍କ କାର୍ଯ୍ୟାଳୟରୁ କିମ୍ବା NIC, ନବରଙ୍ଗପୁର web portal ରେ ଉପଲବ୍ଧ ହେବ ।

ପ୍ରକାଶ ଥାଉକି, ଯେକୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କର ସଂରକ୍ଷିତ ରହିଅଛି ।

ସ୍ୱା/- ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅକାରୀ, ନବରଙ୍ଗପୁର